# Akashvani, Sambalpur

## SAMBALPURI NEWS EVENING BULLETIN

## 2 June 2025- 7.02 pm- 7.12 pm.

*********************************************

୧- ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଶେଷ୍ ହେଇଛେ ସମ୍ବଲପୁରର୍ ପ୍ରସିଦ୍ଧ ଶୀତଲ୍ଷଷ୍ଠୀ ଯାତ୍ରା ।

୨- ଭଦ୍ରକ୍ ଆଏବା ଦିନେ ଶିଳ୍ପର୍ କେନ୍ଦ୍ରସ୍ଥଲ୍ ହେବା- କହେଲେ ମୁଖ୍ୟମନ୍ତ୍ରୀ ।

- ଜିଲ୍ଲା ନ ୨ ଶହ ୭୪ କୋଟି ଟଙ୍କାର୍ ୧୩ ଟା ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ ।

୩- ସମ୍ବଲପୁରର୍ ଫସଲ୍‌କେ ବିଦେଶ୍ ପଠାବାର୍‌କେ ଚେରେଷ୍ଟା କରାଯିବା- କହେଲେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

ଆଉର୍

୪- ରାଏଜେ ଇ ମାସ ଲାଗୁ ହେବା ନୂଆଁ ଅବକାରୀ ନୀତି - ସୂଚ୍‌ନା ଦେଲେ ଅବକାରୀ ମନ୍ତ୍ରୀ ।

ଶୀତଲ୍‌ଷଷ୍ଠୀ          ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଶେଷ୍ ହେଇଛେ । ଗଲାକାଏଲ୍ ଅଧ୍‌ରାତିନୁ ନନ୍ଦପଡ଼ାର୍ ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବା, ଝାଡ୍ଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍ ଜାଗେଶ୍ୱର୍ ବାବା, ବଡ଼ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର କୋଶଲେଶ୍ୱର ବାବା, ବାଲିବନ୍ଧାର୍ ସୋମ୍‌ନାଥ୍, ମ୍ୟୁନିସିପାଲ୍‌ଟି ଛକ୍‌ର ଗୁପ୍ତେଶ୍ୱର୍ ମହାଦେବ୍ ବାବା, ଫାଟକ୍‌ର ମହାକାଲେଶ୍ୱର୍ ବାବା ଆର୍ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥଥି ନଗର ପରିକ୍ରମାଥି ବାହାରିଥିଲେ ।

ଇ ନଗର୍ ପରିକ୍ରମା ଶୋଭାଯାତ୍ରାଥି ରାଜ୍ୟର୍ ଭିନ୍ ଭିନ୍ ପାରମ୍ପରିକ୍  ଲୋକ୍‌ନାଚ୍ ଗୀତ୍, ଦୁଲ୍‌ଦୁଲି, ମେଲୋଡ଼ି ଦୁଲ୍‌ଦୁଲି ସହେତେ କେରଳର ତମ୍ବୋଲା ଆର୍ ମେଲମ୍ ନାଚ୍, ମୁମ୍ବାଇର ଲାବଣୀ, ଖଡ଼ଗ୍‌ପୁର୍‌ର ଶେର୍‌ବାଜା, ଗୋଆ, କୋଲ୍‌କାତା ଆର୍ ରାଜସ୍ଥାନୀ ନାଚ୍‌ଥି ସହର୍ ଗଜ୍‌ଗଜେଇ ଯାଇଥିଲା । ସାରା ରାତି ହଜାର୍ ହଜାର୍ ଲୋକ୍ ଯାତ୍ରା ଦେଖିଥିଲେ । ଇ ବଛର୍ ବହୁତ୍ ସଂଖ୍ୟାଥି ମହିଳାମାନେ ରାତି ସମିଆଥି ଯାତ୍ରା ଦେଖୁଥିବାର୍ ଦେଖାଯାଇଥିଲା ।

ଆଏଜ୍ ପହପହନୁ କେତେ ଘଂଟାର୍ ବିଶ୍ରାମ୍ ଉତ୍ରୁ ଯାତ୍ରା ଫେର୍ ମୁଲ୍ ହେଇଥିଲା । ଦିନ୍‌ବେଲାର୍ ଜୋର୍ ଖରାଥି ଭିଲ୍ ବାହାରୁ ଆସିଥିବା ଦେଖ୍‌ନାହାରିଙ୍କର୍ ତହଁକ୍ ନାଇଁ କମିଥାଇ ।

ଆକାଶ୍‌ବାଣୀ ତର୍‌ଫୁ ଆଏଜ୍ ସଖାଲ୍ ବେଲା ଯାତ୍ରା କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ କରାଯାଇଥିଲା । ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ପୀଠ ନ ପୁହୁଁଚିଥିଲେ । ଯାତ୍ରା ଯାଉଥିବାର୍ ରାସ୍ତାଥି ଠାନେ ଠାନେ ଭକ୍ତମାନେ ଦେବଦମ୍ପତିଙ୍କୁ ବନ୍ଦେଇ ଥିବାର୍ ବେଲେ  ମହାଆଲ୍‌ତୀ ଉତ୍ରୁ ମନ୍ଦିର୍ ପ୍ରବେଶ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ପୁଲିସ୍ ତର୍‌ଫୁ କଡ଼ା ପୁଲିସ୍ ବନ୍ଦୋବସ୍ତ ହେଇଥିବାର୍ ବେଲେ କେହେନି ପ୍ରକାରର୍ ଅଘଟନ୍ ନାଇଁ ଘଟିଥିବାର୍‌ନୁ ଯାତ୍ରା ଆୟୋଜକ୍ ଆର୍ ପ୍ରଶାସନ୍‌କେ ଆଶ୍ୱସ୍ତି ଦେଇଛେ । ଭିନ୍ ଭିନ୍ ସାମାଜିକ ଆର୍ ନାଗରିକ ଅନୁଷ୍ଠାନ୍ ତର୍‌ଫୁ ଦେଖ୍‌ନାହାରିଙ୍କୁ ପିଇବାର୍ ପାଏନ୍, ସର୍‌ବତ୍ ଆର୍ ଜଲ୍‌ଖିଆ ବଂଟାଯାଇଥିଲା । ଆଏଜ୍ ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ସାଙ୍ଗେ ଗଲା ଅଖିତୃତୀୟାନୁ ମୁଲ୍ ହେଇଥିବା ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଗହଗହ ମହମହଥି ପୂର୍ଣ୍ଣାହୁତି ହେଇଛେ ।

ବଲାଙ୍ଗିର୍- ଶୀତଲ୍‌ଷଷ୍ଠୀ        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର ଜିଲ୍ଲାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍‌କେ ଶୀତଲ୍‌ଷଷ୍ଠୀ ଯାତ୍ରା ଶେଷ୍ ହେଇଛେ । ବଲାଙ୍ଗିରର୍ ୧୧ ଟା ଯାତ୍ରା କମିଟି ତରଫୁ ଶୀତଲ୍‌ଷଷ୍ଠୀ ଯାତ୍ରା ହେଇଥିଲା । ଦେବଦମ୍ପତିଙ୍କର୍ ବିହା ଉତ୍‌ରୁ  ସାଂସ୍କୃତିକ୍ ଶୋଭାଯାତ୍ରା ହେଇଥିଲା ।

ଶୀତଲ୍‌ଷଷ୍ଠୀ ଯାତ୍ରା ଶେଷ୍ ସୁବର୍ଣ୍ଣପୁର୍ /ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର ନ ଶୀତଲ୍‌ଷଷ୍ଠୀ ଯାତ୍ରା ଶେଷ୍ ହେଇଛେ । ସୁବର୍ଣ୍ଣପୁର୍‌ର ବାବା ସୁବର୍ଣ୍ଣମେରୁଙ୍କର୍ ସହେତେ ବୈଦ୍ୟନାଥର ବାବା କୋଶଲେଶ୍ୱର୍, ଚରଦାର୍ ବାବା କପିଲେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର୍ ଆଉ ଗୋଧନେଶ୍ୱରଙ୍କର୍ ପୀଠ ନ ଚାଲିଥିବା ଶିବ-ପାର୍ବତୀଙ୍କର୍ ବିବାହ ଉତ୍ସବ୍ ପର୍ବ ସର୍‌ଲା ଉତ୍‌ରୁ ଆଏଜ୍ ଦେବଦମ୍ପତି ମନ୍ଦିର୍ ପ୍ରବେଶ୍ କରିଛନ୍ । ମନ୍ଦିର୍ ବିଜେ ଆଘୋନୁ ମହାଦେବ୍ ବାବା ଆଉ ଦେବୀ ପାର୍ବତୀଙ୍କର୍ ସାଂସ୍କୃତିକ ଶୋଭାଯାତ୍ରାଥି ହଜାର୍ ହଜାର୍ ଶ୍ରଦ୍ଧାଳୁ ସାମିଲ୍ ହେଇଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲାର୍ ବାବା ମାତଙ୍ଗେଶ୍ୱର୍, ବାବା ରାମନାଥ, ବାବା ଚନ୍ଦ୍ରଚୂଡ଼, ଚାରିଛକର ଶ୍ରୀ ଶ୍ରୀ କେଦାରେଶ୍ୱର ମହାଦେବ, ନୃପା ଗାଁର୍ ବ୍ରଜେଶ୍ୱର୍ ମହାଦେବ୍, ପଲାସର

ଧବଳେଶ୍ୱର୍ ମହାଦେବ, ବିରାମଚନ୍ଦ୍ରପୁର୍‌ର ସୁବର୍ଣ୍ଣେଶ୍ୱର ମହାଦେବ- ଦେବୀ ପାର୍ବତୀଙ୍କର୍ ସାଙ୍ଗେ ବିହା ଉତ୍‌ରୁ ସାଂସ୍କୃତିକ୍ ଶୋଭାଯାତ୍ରାଥି ଆଏଜ୍ ଗମ୍ଭୀରା ବିଜେ କରିଛନ୍ ।

ମୁଖ୍ୟମନ୍ତ୍ରୀ-ଭଦ୍ରକ୍        ଆର୍‌ଏନ୍‌ୟୁ/ କଟକ୍

ଭଦ୍ରକ୍ ଜିଲ୍ଲା ଆଏବା ଦିନେ ଶିଳ୍ପର୍ କେନ୍ଦ୍ରସ୍ଥଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭଦ୍ରକ ଜିଲ୍ଲା ନ ୨ ଶହ ୭୪ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ୧୩ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଶିଳାନ୍ୟାସ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଆଏବା ଦିନେ ଭଦ୍ରକ୍ ନ ୬ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ଭିନ୍ ଭିନ୍ ଶିଳ୍ପ ପ୍ରତିଷ୍ଠା କରାଯିବା । ଇଥିର୍‌ଲାଗି ବହୁତ୍‌ଟେ ନିଯୁକ୍ତି ସୁଯୋଗ୍ ଭିଲ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା      ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଓଡ଼ିଶା ରାଜ୍ୟ ସଡ଼କ ପରିବହନ୍ ନିଗମ୍ ତର୍ଫୁ ପୁରୀ, ଭୁବ୍ନେଶ୍ୱର୍, ଭବାନୀପାଟ୍ନା ଆଉ ରାଇଘର୍ଠାନୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆଏବା ବୁଧବାର୍ଠାନୁ ମୁଲ୍ ହେବା । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବସ୍ ସେବାକେ ଶୁଭାରମ୍ଭ କର୍ବେ । ଇ ବସ୍ ସେବା ପୁରୀ ନୁ ଅଯୋଧ୍ୟା, ଉଜ୍ଜୟିନୀ, ତିରୁପତି, ହାଇଦ୍ରାବାଦ୍ ଆଉ ଭିଲାଇକେ ଚାଲ୍ବା । ସେନ୍ତା ଇ ବସ୍ ଭୁବ୍ନେଶ୍ୱର୍ନୁ ବିଶାଖାପାଟ୍ନା ଆଉ ରାଇଘର୍ ଆର୍ ଭବାନୀପାଟ୍ନାନୁ ହାଇଦ୍ରାବାଦ୍କେ ଚାଲ୍ବା ବଲି ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- ଦେବ୍ଗଡ଼୍ ଗସ୍ତ          ଦେବ୍ଗଡ଼୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବାକାଏଲ୍ ଦେବ୍ଗଡ଼୍ ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ଉନ୍ନୟନ୍ମୂଳକ ପ୍ରକଳ୍ପର୍ ଉଦ୍ଘାଟନ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ । ଦେବ୍ଗଡ଼୍ ନୂଆବାଲିରୋଇ ଠାନେ ତିଆର୍ ହେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ନୂଆଁ କୋଠା ସହେତେ ଭିନ୍ ଭିନ୍ ପ୍ରକଳ୍ପ ଉଦ୍ଘାଟିତ୍ ହେବା ବଲି ଜନାପଡ଼ିଛେ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁରେ ଚାଷ୍ ହେଉଥିବା ଭିନ୍ ଭିନ୍ ଫଲ୍ ଆର୍ ପନିପରିବାକେ ବିଦେଶ୍ ବଜାର୍‌କେ ପଠାବାର୍ ଲାଗି ଚେରେଷ୍ଟା କରାଯିବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ରେଙ୍ଗାଲି ଠାନେ ଆଏଜ୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲ୍ପୁର୍ ହେଉଛେ ଚଷା ଆର୍ ଚାଷୀମାନ୍‌କର୍ ଇଲାକା ଆଉ ଇନର୍ ମୁଖିଆ ଜୀବିକା ହେଉଛେ ଚାଷ୍ । ହେଥିର୍‌ଲାଗି ଇନ ଚାଷ୍‌ବାସ୍ ଦରବ୍, ପ୍ରାଣୀପାଲନ୍, ଗୋପାଲନ୍ ଆଉ ମାଛ୍ ଚାଷ୍‌ଥି ଉତ୍ପାଦନ୍ ବଢ଼ାବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଚାଷୀ ଦରବ୍ ସଂରକ୍ଷଣ୍ କର୍‌ବାର୍ ଲାଗି ଶୀତଲ୍‌ଭଣ୍ଡାର୍ ପ୍ରତିଷ୍ଠା କରାଯିବା । ଚାଷୀମାନ୍‌କର୍ ଉତ୍ପାଦନ୍ ବଢ଼ାବାର୍ ଆର୍ କମାନୀ ଦୁଇଗୁନା କର୍‌ବାର୍ ଦିଗେ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ସାହାଜ୍ କର୍‌ବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ କୃଷି ରଥର୍ ଶୁଭାରମ୍ଭ କର୍‌ବାର୍ ସହେତେ ସଏଲ୍ ହେଲ୍‌ଥ୍ କାର୍ଡ୍ ବାଂଟିଛନ୍ ।

ନୂଆଁ ଅବକାରୀ ନୀତ            ହି.ସ.

ରାଜ୍ୟ ସର୍କାର୍ ଇ ମାସ୍ ଭିତ୍ରେ ନୂଆଁ ଅବକାରୀ ନୀତି ଲାଗୁ କରାଯିବା ବଲି ଅବକାରୀ ଆଉ ଆଇନ୍ ମନ୍ତ୍ରୀ ପୃଥ୍ବୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ନୂଆଁ ମଦ ନୀତି ଅନ୍‌ସାରେ ନୂଆଁ ଦୁକାନ୍ ଖୁଲ୍‌ବାର୍ ଲାଗି ଅନୁମତି ଦିଆନାଇଁଯାଏ । ଅଲ୍‌ଗା ରାଜ୍ୟର୍ ମଦ ନୀତି ଅନୁଧ୍ୟାନ୍ କର୍‌ବାର୍ ଲାଗି ୩ ଟା ଟିମ୍ ଆନ୍ଧ୍ରପ୍ରଦେଶ୍, ରାଜସ୍ଥାନ୍, କେରଲ ଆଉ ତାମିଲ୍‌ନାଡୁ ଯିବେ । ଆଏବା ୭ ଆର୍ ୮ ତାରିଖ୍ ଅଧିକାରୀ ଦଲ୍ ଫିର୍‌ଲା ଉତ୍‌ରୁ ନୂଆଁ ନୀତିକେ ନେଇକରି ଯାହା କିଛି ପରିବର୍ତନ୍ କରାଯିବା । ସେସବୁକେ ନଜର୍‌ଥି ରଖିକରି ୩ ବର୍ଷିଆ ନୀତି ଲାଗୁ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

କୋଭିଡ୍        ଏନ୍‌ଏସ୍‌ଡି

ଦେଶେ ଏବ୍‌ତକ୍ ୩ ହଜାର୍ ୯ ଶହ ୬୧ କୋଭିଡ୍ ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ କେରଳ ନ ସବୁନୁ ଅଏତ୍‌କା ୧ ହଜାର୍ ୪ ଶହ ୩୫ ଝନ୍ ଆକ୍ରାନ୍ତ ଚିହ୍ନଟ୍

ହେଇଥିଲାବେଲେ ମହାରାଷ୍ଟ୍ର ନ ୫ ଶହ ୬, ଦିଲ୍ଲୀ ନ ୪ ଶହ ୮୩, ଓଡ଼ିଶା ନ ୧୨ ଝନ୍ ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ମନ୍ତ୍ରଣାଲୟର୍ କୋଭିଡ୍ ଡେସ୍‌ବୋର୍ଡ୍ ତଥ୍ୟ ଅନ୍‌ସାରେ କୋଭିଡ୍‌ଥି ଦିଲ୍ଲୀ, ତାମିଲ୍‌ନାଡୁ, କେରଳ ଆଉ ମହାରାଷ୍ଟ୍ର ନ ଝନେ ଲେଖା ଆକ୍ରାନ୍ତଙ୍କର୍ ଜୀବନ୍ ଯାଇଛେ । ଆକ୍ରାନ୍ତମାନ୍‌କୁ ସଙ୍ଗରୋଧଥି ରଖାଯାଇଛେ ଆଉ ଏବ୍‌ତକ୍ ୨ ହଜାର୍ ଶହେ ୮୮ ଝନ୍ ସୁସ୍ଥ ହେଇଛନ୍ ।

ନିଟ୍-ପିଜି ପରୀକ୍ଷା ସ୍ଥଗିତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏନ୍.ଇ.ଇ.ଟି. ପିଜି ୨୦୨୫ ପରୀକ୍ଷାକେ ଜାତୀୟ ଚିକିତ୍ସା ବିଜ୍ଞାନ୍ ପରୀକ୍ଷା ବୋର୍ଡ୍-ଏନ୍.ବି.ଇ.ଏମ୍.ଏସ୍. ସ୍ଥଗିତ୍ କରିଛେ । ଇ ପରୀକ୍ଷା ଆଏବା ୧୫ ତାରିଖ୍ ହେବାର୍‌କେ ଥିଲା । ଦୁଇଟା ସିଫ୍ଟ ବଦ୍‌ଲା ଗୁଟେ ସିଫ୍ଟଥି ପରୀକ୍ଷା କର୍‌ବାର୍ ଲାଗି ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶ୍ ଉତ୍‌ରୁ ଏନ୍.ବି.ଇ.ଏମ୍.ଏସ୍. ଇ ନିଷ୍ପତି ନେଇଥିବାର୍ ଜନାପଡ଼ିଛେ ।

ଜେଇଇ ଆଡ୍‌ଭାନ୍ସ ପରୀକ୍ଷାଫଳ ଏକ୍ସ

ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେଇଇ ଆଡ଼ଭାନ୍ସ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ସର୍ବଭାରତୀୟ ସ୍ତର୍‌ଥି ରଜିତ୍ ଗୁପ୍ତା ୧ ନମ୍ବର୍ ହେଇଛନ୍ । ଗଲା ମାସ ୧୮ ତାରିଖ୍ ହେଇଥିବା ପହେଲା ଆଉ ୨ ନମ୍ବର୍ ପେପର୍ ପରୀକ୍ଷାଥି ମୋଟ୍ ୧ ଲାଖ୍ ୮୦ ହଜାର୍ ୪ ଶହ ୪୨ ଝନ୍ ପରୀକ୍ଷା ଦେଇଥିଲେ । ଇଥି ପାସ୍ କରିଥିବା ଛାତ୍ରଛାତ୍ରୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ ।

ଯୁକ୍ତ ୩ ନାଁଲେଖା ସମିଆ ବଢ଼୍‌ଲା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଯୁକ୍ତ ୩ ନାଁଲେଖା ଲାଗି ଫର୍ମ ଦାଖଲ୍ କର୍‌ବାର୍ ସମିଆ ବଢ଼େଇଛନ୍ । ଉଚ୍ଚଶିକ୍ଷା ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ବୁଧବାର୍ ରାତି ୧୧ ବାଜିକରି ୪୫ ମିନିଟ୍‌ତକ୍ ଆଶାୟୀ ଛାତ୍ରଛାତ୍ରୀ ଫର୍ମ ଦାଖଲ୍ କରିପାର୍‌ବେ । ଇ ଆବେଦନ୍ ସମିଆ ମେ ୨୦ ତାରିଖ୍‌ତକ୍ ରହିଥିଲା । ମାତରକ ଆବେଦନ୍ ସମିଆ ବଢ଼ାବାର୍ ଲାଗି ବହୁତ୍‌ଟେ ଦାବି ହେବାର୍‌ନୁ ସର୍‌କାର୍ ଇ ନିଷ୍ପତି ନେଇଛନ୍ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ପାନୀୟ ଜଳ ପ୍ରକଳ୍ପ ଆର୍‌ଏନ୍‌ୟୁ/ କଟକ୍

ବଲାଙ୍ଗିର୍ ଜିଲ୍ଲା ଗାଁ ଇଲାକାମାନ୍‌କେ ପିଇବାର୍ ପାଏନ୍‌ର ଅସୁବିଧା ଦୂର୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଶହେ କୋଟିନୁ ଅଏତ୍‌କା ଟଙ୍କାଥି ତିଆର୍ ହେଇଥିବା ୮ ଟା ପ୍ରକଳ୍ପ ଉଦ୍‌ଘାଟନ୍ କରିଛନ୍ । ଜିଲ୍ଲାର୍ ପାଟ୍‌ନାଗଡ଼୍ ଉପଖଣ୍ଡର ବେଲ୍‌ପଡ଼ା ବ୍ଲକ୍‌ର ୬ ଟା ଜାଗା ସହେତେ ପାଟ୍‌ନାଗଡ଼୍ ବ୍ଲକ୍‌ର ୨ ଟା ଗାଁ ନ ଇସବୁ ପ୍ରକଳ୍ପ ଉଦ୍‌ଘାଟନ୍ କରାଯାଇଛେ ।

ଜନ ଅଭିଯୋଗ୍ ଶୁଣାଣି ବୌଦ୍ଧ/ ନୂଆପଡ଼ା/ ବର୍‌ଗଡ଼୍/ ଦେବ୍‌ଗଡ଼୍/ ସୁବର୍ଣ୍ଣପୁର

ବୌଦ୍ଧ ସଦର୍ ବ୍ଲକ୍ କାର୍ଯ୍ୟାଳୟଠାନେ ଆଏଜ୍ ଜିଲ୍ଲାପାଲ୍‌ଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଶିବିର୍‌ଥି ୭୧ ଟା ଅଭିଯୋଗ୍ ଆସିଥିଲା ବେଲ୍‌କେ ସେଥିର୍‌ଭିତ୍‌ରୁ ୩୦ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଛେ । ବାକି ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଦିଗେ ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ସଭାଗୃହ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୮୬ ଟା ଅଭିଯୋଗ୍ ଆସିଥିଲା । ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ଠାନେ ହେଇଥିବା ଜନ ଶୁଣାଣି ଶିବିର୍‌ଥି ୨୨ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ଼୍ ଜିଲ୍ଲା ପାଇକ୍‌ମାଲ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ଜିଲ୍ଲା ପ୍ରଶାସନ୍‌ର ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଇଥି ୮୫ ଟା ଅଭିଯୋଗ୍ ଆସିଥିଲା । ଗୁଟେ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରିକରି ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ବାକି ଅଭିଯୋଗ୍ ମାନ୍‌କର୍ ସମାଧାନ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର ବ୍ଲକ୍‌ସ୍ତରୀୟ ମଳିତ ଅଭିଯୋଗ୍ ଶୁଣାଣି ଆର୍ ଉପଶମ ଶିବିର ବ୍ଲକ୍ ସମ୍ମିଳନୀ କକ୍ଷ ଠାନେ ହେଇଯାଇଛେ । ଇଥି ୪୭ ଟା ଅଭିଯୋଗ୍ ଆସିଥିବାର୍ ବେଲେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ଅଭିଯୋଗ୍ ମାନ୍‌କର୍ ସମାଧାନ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।